# ଶ୍ରୀକ୍ଷେତ୍ରରେ ହନୁମାନ

**ଡକ୍ଟର ଶ୍ରୀହରି ପଣ୍ଡା**

ଶ୍ରୀରାମ ଯେଉଁଠି ହନୁମାନ ସେଇଠି । ଶ୍ରୀକ୍ଷେତ୍ରରେ ଅନେକ ହନୁମାନ ମନ୍ଦିର ଅବସ୍ଥିତ । ଅଠରନଳା ଘାଟରେ ମକରଧ୍ୱଜ ହନୁମାନ, ବାଲିଘାଟ(ପୁରୀ କୋଣାର୍କ ରାସ୍ତାରେ) ସିଦ୍ଧ ହନୁମାନ, ଲୋକନାଥ ଘାଟରେ ବର୍ଗୀ ହନୁମାନ,ମଙ୍ଗଳା ଘାଟରେ ଉଡ଼ନ୍ତା ହନୁମାନ,ଚକ୍ରତୀର୍ଥ ରୋଡରେ ବେଡ଼ି ହନୁମାନ । ପ୍ରତ୍ୟେକ ଘାଟରେ ହନୁମାନ ଶ୍ରୀମନ୍ଦିରକୁ ଜଗି ରହିଛନ୍ତି । ଏହା ପଛରେ ଏକ ଐତିହାସିକ କାରଣ ମଧ୍ୟ ବିଦ୍ୟମାନ । ଶ୍ରୀକ୍ଷେତ୍ରକୁ ବାରମ୍ବାର ମୁସଲମାନମାନେ ଆକ୍ରମଣ କରିବାରୁ ତାଙ୍କ ଦାଉରୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ରାମାନନ୍ଦୀ ସମ୍ପ୍ରଦାୟ ଦ୍ୱାରା ପଞ୍ଚରାମାନନ୍ଦୀ ଆଖଡ଼ା ପ୍ରତିଷ୍ଠା କରାଯାଇଥିଲା । ସେମାନେ ହନୁମାନ ପୂଜକ ହୋଇଥିବାରୁ ପୁରୀର ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ହନୁମାନ ମୂର୍ତ୍ତି ରଖି ଶ୍ରୀକ୍ଷେତ୍ରକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଶ୍ରୀକ୍ଷେତ୍ରକୁ ରକ୍ଷା କରୁଥିବା ହନୁମାନଙ୍କ ସ୍ଥିତି ଓ ପ୍ରତିଷ୍ଠା ସମ୍ପର୍କରେ ସାମାନ୍ୟ ଆଲୋଚନା କରିବା ହେଉଛି ଉକ୍ତ ରଚନାର ଉଦ୍ଦେଶ୍ୟ ।



### ସିଦ୍ଧ ହନୁମାନ

ଏହି ମନ୍ଦିର ଗୁଣ୍ଡିଚା ମନ୍ଦିରଠାରୁ ଛଇତନା ଆଡ଼କୁ ଯିବା ରାସ୍ତାରେ ଏକ କିଲୋମିଟର ଯିବା ପରେ ପୁରୀ–କୋଣାର୍କ ରାସ୍ତାରେ ପଡ଼େ । କିମ୍ବଦନ୍ତୀ ଅନୁସାରେ ସନ୍ଥ ତୁଳସୀ ଦାସ ପୁରୀକୁ ଆସି ସେହି ସ୍ଥାନଟିରେ ନିରାଧାର ରହି ଜଗନ୍ନାଥଙ୍କୁ ରାମ ରୂପରେ ଦର୍ଶନ କରିବାକୁ ତପସ୍ୟା କରିଥିଲେ । ମହାପ୍ରଭୁ ଭକ୍ତ ତୁଳସୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦର୍ଶନ ଦେବା ସହିତ ଶ୍ରୀରାମଚରିତ ମାନସ ରଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମହାବୀର ବଡ଼ ପ୍ରସିଦ୍ଧ ଅଟନ୍ତି ।ଏହାଙ୍କୁ ପୂଜା କଲେ ସମସ୍ତ କାର୍ଯ୍ୟ ସିଦ୍ଧ ହୁଏ ବୋଲି ଏହାଙ୍କୁ ସିଦ୍ଧ ମହାବୀର ମଧ୍ୟ କୁହନ୍ତି ।

### ବର୍ଗୀ ହନୁମାନ

ଶ୍ରୀଲୋକନାଥ ଘାଟରେ ବର୍ଗୀ ହନୁମାନ ମନ୍ଦିର ଅବସ୍ଥିତ । ସେ ହିଁ ହେଉଛନ୍ତି ଶ୍ରୀକ୍ଷେତ୍ରର ରକ୍ଷାକର୍ତ୍ତା । ଇତିହାସ କହେ ମହାରାଷ୍ଟ୍ରରୁ ବର୍ଗୀମାନେ ଅଶ୍ୱପୃଷ୍ଠରେ ଆସି ବଳିଆ ପଣ୍ଡା ଅଞ୍ଚଳ ଦେଇ ପୁରୀରେ ପ୍ରବେଶ କରୁଥିଲେ ଓ ପୁରୀର ମନ୍ଦିର ତଥା ଜନସାଧାରଣଙ୍କ ପ୍ରତି ବିପଦର କାରଣ ହେଉଥିଲେ । ବର୍ଗୀମାନେ ହନୁମାନ ଭକ୍ତ ହୋଇଥିବାରୁ ସେମାନଙ୍କ ପ୍ରଭାବକୁ ପ୍ରତିହତ କରିବା ନିମିତ୍ତ ତାଙ୍କ ଆସିବା ବାଟରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କରା ଯାଇଥିଲା । ଧର୍ମ କାରଣରୁ ବର୍ଗୀମାନେ ହନୁମାନଙ୍କୁ ଡେଇଁ ପୁରୀରେ ପ୍ରବେଶ ନ କରିପାରିବାରୁ ଶ୍ରୀକ୍ଷେତ୍ର ସେମାନଙ୍କ କବଳରୁ ରକ୍ଷା ପାଇଗଲା । ସେହିଦିନଠାରୁ ସେହି ହନୁମାନଙ୍କ ନାମ ବର୍ଗୀ ହନୁମାନ ହୋଇଗଲା ।

### ବେଡ଼ି ହନୁମାନ

ସମୁଦ୍ର କୂଳ ଚକ୍ରତୀର୍ଥ ରୋଡରେ ବେଡ଼ି ହନୁମାନଙ୍କ ମନ୍ଦିର ଅବସ୍ଥିତ । ଏହି ହନୁମାନ ମୂର୍ତ୍ତି ଦକ୍ଷିଣ ପଟରେ ରହି ଶ୍ରୀକ୍ଷେତ୍ରକୁ

ରକ୍ଷା କରୁଛନ୍ତି । ଅତୀତରେ ସମୁଦ୍ର କୂଳ ଲଂଘନ କରି ସହରକୁ ମାଡ଼ି ଆସି ଅନେକ ଧନଜୀବନ ନଷ୍ଟ କରୁଥିବାରୁ ମହାପ୍ରଭୁଙ୍କ ଆଜ୍ଞାରେ ବୀର ହନୁମାନ ସେଠାରେ ଅବସ୍ଥାନ କରି ସମୁଦ୍ର ଯେପରି କୂଳ ଲଂଘନ କରି ପାରିବ ନାହିଁ ସେଥିପାଇଁ ଜଗି ରହିଛନ୍ତି । କାଳେ ଏହି ହନୁମାନ ଅଯୋଧ୍ୟା ଚାଲିଯିବେ ଫଳରେ ସମୁଦ୍ର କୂଳଲଂଘି ପୁଣି ପୁରୀକୁ ପ୍ରବେଶ କରିବ, ସେଇଥି ପାଇଁ ମହାପ୍ରଭୁ ହନୁମାନଙ୍କୁ ସେହିଠାରେ ବାନ୍ଧି ଦେଇଛନ୍ତି । ହନୁମାନଙ୍କୁ ବେଡ଼ି ପକା ଯାଇଥିବାରୁ ତାଙ୍କ ନାମ ବେଡ଼ି ହନୁମାନ ହେଲା । ଅନ୍ୟ ଏକ କଥା ଅନୁସାରେ ହନୁମାନ ପ୍ରଭୁଙ୍କର ମହାପ୍ରସାଦ ପାଇବା ଲୋଭରେ ସମୁଦ୍ର କୂଳରେ ନରହି ଶ୍ରୀମନ୍ଦିରକୁ ଫେରି ଆସିବାରୁ ଭଗବାନ ତାଙ୍କୁ ଏହିଠାରେ ବାନ୍ଧି ରଖିବାରୁ ଏହାଙ୍କ ନାମ ବେଡ଼ି ହନୁମାନ ହୋଇଛି ।

**କାନପତା ହନୁମାନ**

ଏହି ହନୁମାନ ଦକ୍ଷିଣ ଦ୍ୱାରରେ ଅବସ୍ଥାନ କରି ନିଜର କାନକୁ ପୋତି ସମୁଦ୍ରର ଗର୍ଜନ ରାତିରେ ଶୁଣି ଗ୍ରହଣ କରୁଥିବାରୁ ଶ୍ରୀମନ୍ଦିର ମଧ୍ୟକୁ ସମୁଦ୍ର ଗର୍ଜନ ଶୁଭା ଯାଏ ନାହିଁ ।

ଉପରୋକ୍ତ ହନୁମାନଙ୍କ ମନ୍ଦିର ବ୍ୟତୀତ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଆଉ କେତକ ହନୁମାନ ବିଗ୍ରହ ପୂଜା ପାଉ ଅଛନ୍ତି । ଶ୍ରୀମନ୍ଦିର ବାହାର ବେଢାରେ ପୂଜା ପାଉଥିବା ହନୁମାନଙ୍କ ବିଗ୍ରହଗୁଡ଼ିକ ହେଲେ:

**ଫତେ ହନୁମାନ**

ଫତେ ହନୁମାନ ବିଗ୍ରହ ରାମାନନ୍ଦାଚାର୍ଯ୍ୟଙ୍କ ସମୟରେ ସ୍ଥାପିତ ହୋଇଥିଲା । ସେ ପଞ୍ଚରାମାନନ୍ଦୀ ଖାଲସାଙ୍କ ଆରାଧ୍ୟ ଦେବତା ଏବଂ ପୂର୍ବଦ୍ୱାରର ରକ୍ଷକ ।

**ମହାବୀର ମନ୍ଦିର**

କୂର୍ମ ବେଢାର ଦକ୍ଷିଣଦ୍ୱାରକୁ ମେଘନାଦ ପାଚେରୀର ଦକ୍ଷିଣ ଦ୍ୱାରକୁ ଯିବା ବାଟରେ ବାମ ପଟକୁ ପ୍ରଥମେ ମହାବୀର ମନ୍ଦିର ପଡ଼େ । ଗୋଟିଏ ଭଗ୍ନ ମନ୍ଦିର ମଧ୍ୟରେ ମହାବୀର (ହନୁମାନ)ପୂଜା ପାଉ ଅଛନ୍ତି । ମହାବୀର କଡ଼ରେ ରୋଷ ଘରକୁ ରାସ୍ତା ଅଛି ।

**ମହାବୀରଙ୍କ ମନ୍ଦିର**

ପଶ୍ଚିମ ଦ୍ୱାରର ଉତ୍ତର ପାର୍ଶ୍ୱକୁ ଓ ନୀଳାଦ୍ରି ବିହାର ମଧ୍ୟକୁ ଯିବା ରାସ୍ତାରେ ଏହି ମହାବୀର ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ମଧ୍ୟ ବୀର ହନୁମାନ ମନ୍ଦିର କହନ୍ତି । ଚାରିଧାମର ରକ୍ଷକ ଭାବରେ ବୀର ହନୁମାନ ପରିଚିତ ।

**ତପସ୍ୱୀ ହନୁମାନ ମନ୍ଦିର**

ଅର୍ପଣଗୋପାଳ ମନ୍ଦିରର ଉତ୍ତର ଦିଗକୁ ଅର୍ଥାତ୍ ଶ୍ରୀମନ୍ଦିରର ଉତ୍ତରଦ୍ୱାର ଆଡ଼କୁ ଗଲେ ବାମ ପଟରେ ମହାବୀର ତପସ୍ୱୀ ହନୁମାନ ମନ୍ଦିର ଦେଖିବାକୁ ମିଳେ । ଏହା ଏକ ଭଗ୍ନ ମନ୍ଦିର । କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ହନୁମାନଙ୍କୁ ସେହି ସ୍ଥାନରେ ରହି ପ୍ରଭୁଙ୍କୁ ଉପାସନା କରିବା ପାଇଁ ସ୍ଥାନ ଦେଇଥିଲେ । ତପସ୍ୱୀ ହନୁମାନ ପୂର୍ବାଭିମୁଖୀ ଏବଂ ଚାରି ଫୁଟ ଉଚ୍ଚର ମୂର୍ତ୍ତି । ତାଙ୍କର ଚାରି ହାତରେ ଚାରୋଟି ଚକ୍ର । ଦୁଇ ହାତରେ ଦୁଇଟି ଗଦା ଓ ଅନ୍ୟ ଦୁଇ ହାତରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଉଛନ୍ତି । ସେ ସୁଦର୍ଶନ ଚକ୍ରର ଗର୍ବ ଖର୍ବ କରିଥିଲେ ବୋଲି କିମ୍ବଦନ୍ତୀ ଅଛି । ଏହି ଶାନ୍ତ କିନ୍ତୁ କଠୋର ଦେହଧାରୀ ଭକ୍ତରାଜ ହନୁମାନଙ୍କୁ ଦର୍ଶନ ସମୟରେ ନିମ୍ନୋକ୍ତ ଶ୍ଳୋକ ବୋଲିବା ଉଚିତ ।

ଭକ୍ତାଗ୍ରଣୀଂ ଶାନ୍ତସୁରଙ୍ଗଂ ଦେହଂ ।<br>
ଭୁଜଦ୍ୱୟେ ପର୍ବତବୃକ୍ଷଯୁକ୍ତମ୍ ॥<br>
ବଦ୍ଧାଞ୍ଜଳିଂ ମୁଦ୍‌ଗରଯୁକ୍ତକକ୍ଷଂ ।<br>
ଭଜେ କପୀନ୍ଦ୍ରଂ କୃତବୈରୀନାଶମ୍ ॥

ଶ୍ରୀମନ୍ଦିରର ପ୍ରବେଶ ଦ୍ୱାରରେ ଯେମିତି ହନୁମାନ ଅଛନ୍ତି, ସେହିପରି ପୁରୀର ପ୍ରବେଶ ଦ୍ୱାରରେ ହନୁମାନ ବିରାଜମାନ ହୋଇ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ରକ୍ଷା କରୁ ଅଛନ୍ତି ।

ଗୌଡ଼ଗାଁ, କପ୍ତିପଦା<br>
ମୟୂରଭଞ୍ଜ

❖ ❖ ❖